## ରାଜ୍ୟପାଳ ପୁରୀ ରେଳ ଷ୍ଟେସନ ବିକାଶ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କଲେ ରାଜ୍ୟପାଳ

### 2027 ମସିହା ରଥଯାତ୍ରା ପୂର୍ବରୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସମାପ୍ତ କରିବା ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱାରୋପ

ଭୁବନେଶ୍ୱର, ଜୁନ୍ 13:

ଓଡିଶା ମାନ୍ୟବର  ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ଶନିବାର ପୁରୀ ରେଳ ଷ୍ଟେସନ ବିକାଶ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରିଥିଲେ ଏବଂ ଷ୍ଟେସନକୁ ଏକ ଆଧୁନିକ, ଯାତ୍ରୀ-ଅନୁକୂଳ ପରିବହନ ହବ୍ ରେ ପରିଣତ କରିବା ପାଇଁ ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ।



ରାଜ୍ୟପାଳ ପ୍ରାୟ ପୂର୍ବାହ୍ନ 11:00ଘଂଟିକା ସମୟରେ ପ୍ରକଳ୍ପ ସ୍ଥଳରେ ପହଞ୍ଚିଥିଲେ।  ସେଠାରେ ରାଜ୍ୟପାଳଙ୍କୁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫଙ୍କୱାଲ, ପୁରୀ ଜିଲାପାଳ ଏବ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦିବ୍ୟଜ୍ୟୋତି ପରିଡା, ପୁରୀ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରତୀକ ସିଂହ ଏବଂ ରେଳବାଇ ଏବଂ ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ସ୍ୱାଗତ କରିଥିଲେ। ଜିଲ୍ଲା ପୋଲିସ ଦ୍ୱାରା ରାଜ୍ୟପାଳଙ୍କୁ  ଆନୁଷ୍ଠାନିକ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା।

ପରିଦର୍ଶନ ସମୟରେ, ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ରାଜ୍ୟପାଳଙ୍କୁ ଷ୍ଟେସନ ବିକାଶ ପ୍ରକଳ୍ପର ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ବିଷୟରେ ସୂଚନା ଦେଇଥିଲେ, ଯେଉଁଥିରେ ସମ୍ମୁଖ ଭାଗ, ମୁଖ୍ୟ ପ୍ରବେଶ ଦ୍ୱାର ଏବଂ ପ୍ରସ୍ଥାନ ଫାଟକ, ସମେତ ଅନ୍ୟାନ୍ୟ  କ୍ଷେତ୍ର ଅନ୍ତର୍ଭୁକ୍ତ। ଏକ କ୍ଷୁଦ୍ର ମଡେଲ ଏବଂ ବିସ୍ତୃତ ପ୍ରକଳ୍ପ ମାନଚିତ୍ର ମାଧ୍ୟମରେ  ଅଧିକାରୀମାନେ ଯାତ୍ରୀମାନଙ୍କ ପାଇଁ କରାଯାଉଥିବା ଆଧୁନିକ ସୁବିଧାଗୁଡ଼ିକୁ ସମ୍ପର୍କରେ ଅବଗତ କରାଇଥିଲେ।

ଏହି ଉନ୍ନତ ଷ୍ଟେସନରେ ଖାଦ୍ୟ କୋର୍ଟ, ଜନ ଆହାର ଆଉଟଲେଟ୍, ଅବସର ପ୍ରକୋଷ୍ଠ, ଯାତ୍ରୀ ବିଶ୍ରାମାଗାର, ସ୍ୱୟଂଚାଳିତ ଟିକେଟ୍ ଭେଣ୍ଡିଂ ମେସିନ୍, ଦିବ୍ୟାଙ୍ଗଜନଙ୍କ ପାଇଁ ଉତ୍ସର୍ଗୀକୃତ ପାର୍କିଂ ସ୍ଥାନ, ବ୍ୟାଗେଜ୍ ସ୍କାନର ଏବଂ ପ୍ରତିବନ୍ଧକମୁକ୍ତ ପ୍ରବେଶ ଏବଂ ପ୍ରସ୍ଥାନ ବ୍ୟବସ୍ଥା ସମେତ ବିଭିନ୍ନ ସୁବିଧା ଉପଲବ୍ଧ ହେବ। ଏହି ସୁବିଧାଗୁଡ଼ିକ ପବିତ୍ର ପୁରୀ ସହରକୁ ଆସୁଥିବା ତୀର୍ଥଯାତ୍ରୀ ଏବଂ ପରିଦର୍ଶକଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଯାତ୍ରୀଙ୍କ ଆରାମ, ସୁବିଧା ଏବଂ ସୁଗମତା ବୃଦ୍ଧି କରିବା ଲକ୍ଷ୍ୟରେ କରାଯାଉଛି। ପରେ ରାଜ୍ୟପାଳ ପ୍ରକଳ୍ପ ସ୍ଥଳର ବିଭିନ୍ନ ଅଂଶ ପରିଦର୍ଶନ କରିଥିଲେ ଏବଂ ଚାଲୁଥିବା ନିର୍ମାଣ କାର୍ଯ୍ୟର ଅଗ୍ରଗତି ଏବଂ ଗୁଣବତ୍ତା ସମୀକ୍ଷା କରିଥିଲେ।

ପରେ, ଲୋକଭବନ ପୁରୀ ଠାରେ ରାଜ୍ୟପାଳ ପୂର୍ବ ତଟ ରେଳପଥ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କ ସହିତ ଏହି ରେଳଷ୍ଟେସନ ବିକାଶ ପ୍ରକଲ୍ପ ସମ୍ପର୍କରେ ଆଲୋଚନା  କରିଥିଲେ।  ପୁରୀ ରେଳ ଷ୍ଟେସନ ବିକାଶ ପ୍ରକଳ୍ପର ସ୍ଥିତି,

ଅଗ୍ରଗତି ଏବଂ ପ୍ରସ୍ତାବିତ ପୁରୀ-କୋଣାର୍କ ରେଳ ଲିଙ୍କ୍ ପ୍ରକଳ୍ପର ଅଗ୍ରଗତି ବିଷୟରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା। ଏହି

ବୈଠକରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ ଯେ 2027 ମସିହା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ପୂର୍ବରୁ ଷ୍ଟେସନ ବିକାଶ ପ୍ରକଳ୍ପ ସମାପ୍ତ ହେବା ଉଚିତ, ଯାହା ଦ୍ୱାରା ଲକ୍ଷ ଲକ୍ଷ ଭକ୍ତ, ତୀର୍ଥଯାତ୍ରୀ ଏବଂ ଯାତ୍ରୀ ବର୍ଦ୍ଧିତ ସୁବିଧା ଏବଂ ଉନ୍ନତ ଯାତ୍ରା ଅଭିଜ୍ଞତାରୁ ଉପକୃତ ହୋଇପାରିବ।

ଦେଶବ୍ୟାପୀ ଆଧୁନିକ ଏବଂ ବିଶ୍ୱସ୍ତରୀୟ ରେଳ ଭିତ୍ତିଭୂମି ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣକୁ ଉଲ୍ଲେଖ କରି ରାଜ୍ୟପାଳ ଉଲ୍ଲେଖ କରିଥିଲେ ଯେ ଏପରି ପ୍ରକଳ୍ପଗୁଡ଼ିକ ସଂଯୋଗୀକରଣକୁ ଉନ୍ନତ କରିବା, ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଏବଂ ଆର୍ଥିକ ଅଭିବୃଦ୍ଧିକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ, ରାଜ୍ୟପାଳ ଅଧିକାରୀମାନଙ୍କୁ ନିୟମିତ ସମୀକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ଏଥି ନିମନ୍ତେ ସମସ୍ତ ଅଂଶୀଦାରଙ୍କ ମଧ୍ୟରେ, ବିଶେଷକରି ରେଳ କର୍ତ୍ତୃପକ୍ଷ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ।

ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମପୁର ଏବଂ ପୂର୍ବ ତଟ ରେଳପଥ ଅଧୀନରେ ଥିବା ଅନ୍ୟାନ୍ୟ ଷ୍ଟେସନ ସମେତ ସମଗ୍ର ଓଡ଼ିଶାରେ କାର୍ଯ୍ୟକାରୀ କରାଯାଉଥିବା ପ୍ରମୁଖ ରେଳ ଷ୍ଟେସନ ବିକାଶ ଏବଂ ଆଧୁନିକୀକରଣ କାର୍ଯ୍ୟର ଅଗ୍ରଗତି ବିଷୟରେ ମଧ୍ୟ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା।

କାର୍ଯକାରୀ ହେଉଥିବା ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାପ୍ତ କରିବାର ଆବଶ୍ୟକତାକୁ ଦୋହରାଇ ରାଜ୍ୟପାଳ ସମ୍ପୃକ୍ତ ସମସ୍ତ ସଂସ୍ଥା ସମନ୍ୱିତ ଭାବରେ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

କେ ଶ୍ରବଣ କୁମାର,
ମାନ୍ୟବର ରାଜ୍ୟପାଳଙ୍କ ଲୋକ ସମ୍ପର୍କ ଅଧିକାରୀ